# କୃଷି  ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨

## KRISHI VIGYAN KENDRA, KVK, GANJAM-II

Berhampur(Golanthara), Dist: Ganjam-761008 ବ୍ରହ୍ମପୁର (ଗୋଲନ୍ଥରା), ଗଞ୍ଜାମ-୭୬୧୦୦୮

Website: www.kvkganjam2.org E-mail(ଇ ମେଲ): kvk.ganjam2@ouat.ac.in Tel(ଦୂରଭାଷ): +91-9437360866 (M)

## ଧାନରେ ମାଟିଆ ଗୁଣ୍ଡି ପୋକ/ ଚକଡା ପୋକ ଚିହ୍ନଟ, ଏହାର ଲକ୍ଷଣ ଓ ପରିଚାଳନା

ବର୍ତ୍ତମାନ ସମୟରେ ବାୟୁମଣ୍ଡଳର ଅଧିକ ତାପମାତ୍ରା ଓ ଆର୍ଦ୍ରତା ଯୋଗୁଁ ଧାନ ଫସଲରେ ମାଟିଆ ଗୁଣ୍ଡି ପୋକ ବା ଚକଡା ଏବଂ ଧଳା  ପିଠିଆ ଗଛ ଡିଆଁ ପୋକ ଲାଗିବାର ସମ୍ଭାବନା ଅଛି ।

### ମାଟିଆଗୁଣ୍ଡି  ପୋକ ଲାଗିବା ପାଇଁ ଅନୁକୂଳ ପାଣିପାଗ

| ତାପମାତ୍ରା (ସେଣ୍ଟିଗ୍ରେଡ) | ଆପେକ୍ଷିକ ଆର୍ଦ୍ରତା | ପବନର ବେଗ (କିମି/ଘଣ୍ଟା) | ବର୍ଷା (ମି.ମି./ସପ୍ତାହ) | ଅନୁକୂଳ ପାଣିପାଗ |
|---|---|---|---|---|
| >୩୦ | >୭୦ | ୫ ରୁ ଅଧିକ | ୦-୩୦ | ବର୍ଷା ପରେ ଖରା ଓ ଆର୍ଦ୍ର ବାତାବରଣ, ଦିନ ତପମାତ୍ରାରେ ବୃଦ୍ଧି ଏବଂ ରାତି ତାପମାତ୍ରା ୨୧-୨୩ ଡିଗ୍ରୀ ସେଲ୍ସିଅସ୍ ୧୦ ଦିନ ମଧ୍ୟରେ ରହିଲେ ଏହି ପୋକର ପ୍ରାଦୁର୍ଭାବ ଚଢିବାର ସମ୍ଭାବନା ଥାଏ । ଅଗଷ୍ଟ ମାସରୁ ନଭେମ୍ବର ମାସ ମଧ୍ୟରେ ଏହି ପୋକ ମୁଖ୍ୟତଃ ଧାନ ଫସଲକୁ ଆକ୍ରମଣ କରେ । |






### ମାଟିଆଗୁଣ୍ଡି ପୋକର ଚିହ୍ନଟ:




ମାଟିଆଗୁଣ୍ଡି ପୋକ/ ଚକଡା ପୋକ ଏକ ଧୂଷର ରଙ୍ଗର ଛୋଟ ମାଛି ପ୍ରକାର ଦେଖାଯାନ୍ତି । ଏହା ମୁଖ୍ୟତଃ ଧାନ ଗଛର ମୂଳରେ ଏକ ସଙ୍ଗେ ଅଧିକ ସଂଖ୍ୟାରେ ବା ପଛରେ ଦେଖିବାକୁ ମିଳେ। ଏହି ପୋକ ଧାନ ବିଲରେ ଜଳ ସ୍ତରର ଠିକ ଉପରକୁ ବସିଥାନ୍ତି ଏବଂ ହଲଚଲ କରିଲେ ମାଛି ଭଳି ଉଡି ବୁଲନ୍ତି । ଏହି କୀଟ ସହିତ ଧଳାପିଠିଆ ଗୁଣ୍ଡିପୋକ ମଧ ମିଶିକରି ଲାଗିଥାନ୍ତି । ବିଶେଷକରି ଧାନ ଫସଲର କେଣ୍ଡା ବାହାରିବା ଅବସ୍ଥାରେ ଏମାନେ ଅଧିକ ସଂଖ୍ୟାରେ ଲାଗି ଫସଲ ନଷ୍ଟ କରିଥାନ୍ତି ।

### ଧାନ ଗଛରେ ମାଟିଆଗୁଣ୍ଡି ପୋକର ଆକ୍ରମଣର ଲକ୍ଷଣ:

- ଆକ୍ରାନ୍ତ ଗଛର ତଳ  ପତ୍ରଗୁଡ଼ିକ ପ୍ରଥମେ ହଳଦିଆ ପଡ଼ିଯାଏ ଏବଂ ପରେ ସମ୍ପୂର୍ଣ୍ଣ ଗଛ ଫିକା ବା ଈଷତ ବାଦାମୀ ରଙ୍ଗର ହୋଇଯାଏ ।
- ଗୋଲାକାର ଶୁଖୀଲା ପ୍ୟାଚ୍: ଆକ୍ରମଣ ଆରମ୍ଭରେ କ୍ଷେତରେ ଛୋଟ ଛୋଟ ଗୋଲାକାର ଅଞ୍ଚଳରେ ଗଛଗୁଡ଼ିକ ଶୁଖାଯାଏ ।
- ପୋଡର ସଂଖ୍ୟା ବହୁତ ବଢ଼ିଗଲେ ଗଛଗୁଡ଼ିକ ଶୁଖୁଯାଇ ପୋଡ଼ିଗଲା ଭଳି ଦେଖାଯାଏ। ଏହି ସ୍ଥିତିକୁ 'ହପର୍ ବର୍ନ' କୁହାଯାଏ ।
- ଆକ୍ରାନ୍ତ ଗଛର ମୂଳ ପାଖକୁ ଛୁଇଁଲେ ଏହା ଚିପ୍‌ଚିପ୍ ଲାଗେ। ଏହା ପୋକ ମଳ ତ୍ୟାଗ କରୁଥିବାରୁ ଏପରି ହୋଇଥାଏ ।
- ପୋକଗୁଡ଼ିକ ଗଛରୁ ରସ ଶୋଷି ନେଇଥିବାରୁ ଗଛର ବୃଦ୍ଧି ହୋଇପାରେ ନାହିଁ ଏବଂ ଗଛ ବାଙ୍ଗରା ରହିଯାଏ ।

**ଧାନରେ ମାଟିଆ ଗୁଣ୍ଡି ପୋକ/ ଚକଡା ପୋକର ପରିଚାଳନା:**



ୟୁରିୟା ପକାନ୍ତୁ ନାହିଁ



ଜଳ ନିଷ୍କାସନ କରନ୍ତୁ

- ➢ ଦିନରେ ବାୟୁମଣ୍ଡଳର ଉତ୍ତାପ ୩୦ଡିଗ୍ରୀ ସେଲ୍ସିଅସ୍ ଉପରକୁ ଚାଲିଗଲେ ନିୟମିତ ଭାବରେ ଫସଲ ସର୍ବେକ୍ଷଣ କରନ୍ତୁ ଓ ଧାନ ଗଛ ମୂଳକୁ ଆଡେଇକରି ମାଟିଆ ଗୁଣ୍ଡିପୋକ ଲାଗିଛି କି ନାହିଁ ଦେଖନ୍ତୁ ।
- ➢ ଯଦି ଧାନରେ ପିଲ ସାରରେ ୟୁରିଆ ଦିଆ ନ ହୋଇଛି ତେବେ ଆଉ ୟୁରିଆ ସାର ପକାନ୍ତୁ ନାହିଁ।
- ➢ ଧାନ ଫସଲରେ ଉପଯୁକ୍ତ ପରିମାଣରେ ପୋଟାଶ ସାର (MOP) ପ୍ରୟୋଗ କରନ୍ତୁ। ଯଦି ପୋଟାଶ ସାର ପକେଇନାହାନ୍ତି ତେବେ ଏକର ପିଛା ୧୨ କିଗ୍ରା ପୋଟାଶ ସାର (MOP) ପ୍ରୟୋଗ କରନ୍ତୁ |
- ➢ କ୍ଷେତରେ ଠିଆ ପାଣି ନ ରଖି ଶୁଖିଗଲା ପରେ ପାଣି ନ ରଖି ଶୁଗଲା ପରେ ପୁଣି ପାଣି ମଡାନ୍ତୁ ।
- ➢ ନିୟମିତ ଅନ୍ତରରେ ପ୍ରତି ୧୦ ଫୁଟ ଛାଡି ପୂର୍ବ-ପଶ୍ଚିମ କରି କ୍ଷେତରେ ପାହି କାଟି ଦିଅନ୍ତୁ, ଅର୍ଥାତ୍ ବଢିଥିବା ଧାନକୁ ଦୁଇ ପଟକୁ ଆଡେଇ ଦିଅନ୍ତୁ ଯେପରିକି ଗଛର ମୂଳରେ ସୂର୍ଯକିରଣ ପଡିବ ଓ ବାୟୁ ଚଳାଚଳ ହେବ।
- ➢ ଯଦି ଆପଣଙ୍କ ବିଲରେ ମାଟିଆ ଗୁଣ୍ଡି ପୋକ ଲାଗିବାର ସମ୍ଭାବନା ଅଛି ତେବେ ପ୍ରତିଷେଧକ ଭାବେ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ, ୧୫୦୦ ପିପିଏମ ଆଜାଡିରାକ୍ଟିନ୍ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ➢ ସର୍ବେକ୍ଷଣରୁ ବୁଦାପ୍ରତି ପୋକ ସଂଖ୍ୟା ୨ -୫ ଥିଲେ ରାସାୟନିକ କୀଟନାଶକ ପ୍ରୟୋଗ କରନ୍ତୁ |
    - ଏକର ପ୍ରତି ୪୦୦ ଗ୍ରାମ ବୁପ୍ରୋଫେଜିନ୍ ୧୫% + ଏସିଫେଟ୍ ୩୫% ଡବ୍ଲ୍ୟୁ.ପି. ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ।
    - କିମ୍ବା ୬୦ ଗ୍ରାମ୍ ଫ୍ଲୋନିକାମିଡ୍ ୫୦% ଡବ୍ଲ୍ୟୁ.ଜି ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ।
    - କିମ୍ବା ଏକର ପ୍ରତି ୮୦ ଗ୍ରାମ୍ ଡାଇନୋଟେଫ୍ୟୁରାନ୍ ୨୦% ଏସ୍.ଜି ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ
    - କିମ୍ବା ଏକର ପ୍ରତି ୧୨୦ ଗ୍ରାମ୍ ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି. ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ।
    - କିମ୍ବା ଏକର ପ୍ରତି ୯୫ ମିଲି ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ ।
    - କିମ୍ବା ଏକର ପ୍ରତି ୧୩୫ ଗ୍ରାମ୍ ଡାଇନୋଟେପ୍ୟୁରାନ୍ ୧୫% + ପାଇମେଟ୍ରୋଜିନ୍ ୪୫% ଡବ୍ଲ୍ୟୁ.ଜି. ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ।

ଆବଶ୍ୟକ ସ୍ଥଳେ କୃଷି ବିଜ୍ଞାନ କେନ୍ଦ୍ର କିମ୍ବା ବ୍ଲକ ସ୍ଥରୀୟ କୃଷି ଅଧିକାରୀ ଙ୍କ ସହ ଯୋଗାଯୋଗ କରନ୍ତୁ।

**********